Largest Circulated Odia Daily

SAMBAD
ସମ୍ବାଦ
ସର୍ବାଧିକ ପ୍ରସାରିତ ଓଡିଆ ଦୈନିକ

+2 SC. | KSSC | Vocational | Diploma
MBBS | BDS | Nursing | MBA | MCA
BTech | MTech | Ph.D.
KiiT
www.kiit.org

| ଏକ ସଙ୍ଗେ ପ୍ରକାଶିତ ଓ ପ୍ରସାରିତ | ଅନୁଗୁଳ | ବାଲେଶ୍ୱର | ଭୁବନେଶ୍ୱର | କଟକ | ବ୍ରହ୍ମପୁର | ଜୟପୁର | ରାଉରକେଲା | ସମ୍ବଲପୁର |
|---|---|---|---|---|---|---|---|---|

ଅମିତାଭଙ୍କଠାରେ ଅସ୍ତ୍ରୋପଚାର, ସ୍ୱାସ୍ଥ୍ୟବସ୍ଥା ଭଲ ଅଛି, ସମ୍ବଲପୁର: ଫକୀର ପଟ୍ଟନାୟକଙ୍କର ପରଲୋକ, ସିନେ

ତାରିଖ : ୧୨/୨/୨୦୦୫

- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ

ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୧୫.୨ | ୨୯.୨ |
| କଟକ | ୧୩.୮ | ୨୯.୨ |
| ବାଲେଶ୍ୱର | ୧୪.୦ | ୩୦.୨ |
| ଗୋପାଳପୁର | ୧୬.୭ | ୨୯.୯ |
| ଝାରସୁଗୁଡ଼ା | ୧୩.୫ | ୨୯.୦ |

ବିତର୍କ/ମତାମତ ସଂଗ୍ରହ

ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ପ୍ରସଙ୍ଗରେ କେନ୍ଦ୍ରରେ ଓଡ଼ିଶା ଅପେକ୍ଷା ବଙ୍ଗଳାର ଲବି ଟାଣୁଆ ପ୍ରମାଣିତ ହୋଇଛି କି?

: ହଁ.....
: ନାହିଁ.....
: କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

- କେନ୍ଦ୍ର ଅନୁଶାସନସଚିବ ହାଇର୍କୋଟରେ ହାଜର ହେଲେ; ରହିତାଦେଶ ହଟାଇବା ଆବେଦନର ଶୁଣାଣି ସ୍ଥଗିତ

କଟକ,(ଇମିସ): ଭୁବନେଶ୍ୱରଠାରେ ପ୍ରସ୍ତାବିତ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ (ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ)ର ସ୍ଥାନାନ୍ତର ଉପରେ ଓଡ଼ିଶା ହାଇର୍କୋଟ ଜାରି କରିଥିବା ମଧ୍ୟବର୍ତ୍ତୀକାଳୀନ ରହିତାଦେଶକୁ ଉଠାଇବା ସକାଶେ କେନ୍ଦ୍ର ସରକାରଙ୍କ ପକ୍ଷରୁ ହାଇର୍କୋଟରେ ଦାୟର ହୋଇଥିବା ମିସ ପିଟିସନ୍ଟିର ଶୁଣାଣି ଆସନ୍ତା ବୁଧବାରକୁ ସ୍ଥଗିତ ରହିଛି। ସ୍ମରଣଯୋଗ୍ୟ, ଗତ ୮ ତାରିଖରେ ହାଇର୍କୋଟର ମାନ୍ୟବର ମୁଖ୍ୟ ବିଚାରପତି ଏସ୍. ବର୍ମନରାୟ ଓ ମାନ୍ୟବର ବିଚାରପତି ଏମ୍.ଏମ୍. ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ପ୍ରସ୍ତାବିତ ପ୍ରତିଷ୍ଠାନ ଭୁବନେଶ୍ୱରରୁ ଅନ୍ୟତ୍ର ପୂର୍ବାଞ୍ଚଳର କୌଣସି ସ୍ଥାନକୁ ଉଠିଯାଇ ପାରିବ ନାହିଁ ବୋଲି ମଧ୍ୟବର୍ତ୍ତୀକାଳୀନ ରହିତାଦେଶ ଜାରି କରିବା ସହ କେନ୍ଦ୍ର ସରକାରଙ୍କୁ ଜବାବ ତଲବ କରିଥିଲେ। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ବିଭାଗୀୟ ଅନୁସଚିବ ପ୍ରେମ କୁମାର ଏ ସଂପର୍କରେ ହାଇର୍କୋଟରେ ଗତ ୨୫ ତାରିଖରେ ସତ୍ୟପାଠ ସମ୍ବଳିତ ଜବାବ ଦାଖଲ କରିଥିଲେ। ଏତଦ୍ବ୍ୟତୀତ ରହିତାଦେଶକୁ ଉଠାଇବା ନିମନ୍ତେ ଏବଂ କଲିକତାଠାରେ ଆଇଆଇଏସ୍ଇଆର୍ ପ୍ରତିଷ୍ଠାନ ପ୍ରତିଷ୍ଠା କାର୍ଯ୍ୟ ତ୍ୱରାନ୍ୱିତ କରିବା ଦିଗରେ ଅଦାଲତଙ୍କ ଅନୁମତି ପାଇବା ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପୃଥକ୍ ପୃଥକ୍ ଦୁଇଟି ମିସ୍ପିଟିସନ୍ ଦାୟର କରାଯାଇଥିଲା। ଗତକାଲି ମାନ୍ୟବର ମୁଖ୍ୟ ବିଚାରପତି ଏସ୍. ବର୍ମନରାୟ ଓ ମାନ୍ୟବର ବିଚାରପତି ଏମ୍.ଏମ୍. ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମିସ ପିଟିସନଟିର ଶୁଣାଣି କରାଯାଇଥିଲା। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ବୈଷୟିକ ବିଭାଗର ଅନୁସଚିବ ପ୍ରେମ କୁମାର ସ୍ୱୟଂ ଅଦାଲତରେ ହାଜର ହୋଇ ରହିତାଦେଶ ହଟାଇବା ନିମନ୍ତେ ପ୍ରାର୍ଥନା କରିଥିଲେ। ଅପରପକ୍ଷରେ ମୂଳ ମାମଲାର ଆବେଦନକାରୀ ରାଜ୍ୟ ଜନସ୍ୱାର୍ଥ ସୁରକ୍ଷା ପରିଷଦର ସଭାପତି ପ୍ରଶାନ୍ତ କୁମାର ଦାସ ଅଦାଲତରେ ଉପସ୍ଥିତ ରହି ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଓ ଅଦାଲତ ବର୍ଜନ ହେତୁ ତାଙ୍କ ପକ୍ଷରୁ ମୋକଦ୍ଦମା ପରିଚାଳନା କରୁଥିବା ଆଇନଜୀବୀ ଅନୁପସ୍ଥିତ ଥିବା କଥା ଦର୍ଶାଇ ନିଜେ ଯୁକ୍ତି ଉପସ୍ଥାପନ କରିବାକୁ ଅନୁମତି ଲୋଡ଼ିଥିଲେ। ଆଇନଜୀବୀଙ୍କ ଆନ୍ଦୋଳନ ଓ ଅନୁପସ୍ଥିତିକୁ ଦୃଷ୍ଟିରେ ରଖି ମାନ୍ୟବର ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ବୁଧବାର କରାଯିବାକୁ ନିର୍ଦ୍ଦେଶ ଜାରି କରିଥିଲେ। ଉଲ୍ଲେଖନୀୟ, 'ଭୁବନେଶ୍ୱରଠାରେ କୌଣସି ପ୍ରକାର ବିଜ୍ଞାନ ପ୍ରତିଷ୍ଠାନ କେବେ ଖୋଲିବାର ପ୍ରସ୍ତାବ ହିଁ



ଅମିତାଭଙ୍କ ଅନ୍ତଃନଳୀରେ ଅସ୍ତ୍ରୋପଚାର ହୋଇଛି। ତାଙ୍କର ସ୍ୱାସ୍ଥ୍ୟବସ୍ଥା ଭଲଥିବା ଡକ୍ତରଖାନା ସୂତ୍ରରୁ ପ୍ରକାଶ।

ଅନ୍ୟାନ୍ୟ ଖବର

- ଅଧ୍ୟାପକ ନିଲମ୍ବନ ପ୍ରତିବାଦରେ ଛାତ୍ରୀଙ୍କ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ
- ସମ୍ବଲପୁର ଜିଲ୍ଲା: ଏଡ୍ସରେ ୯ ମୃତ, ୧୩୬ ଆକ୍ରାନ୍ତ
- ସୁନ୍ଦରଗଡ଼ ଜିଲାରୁ ୧୧୫ ଜଣ ହଜ୍ଯାତ୍ରା କରିବେ
- ହତ୍ୟାକାଣ୍ଡ: ଦୁଇ ଅଭିଯୁକ୍ତ ଗିରଫ
- କେନ୍ଦ୍ରାପଡ଼ା ଜେଲ୍: ୩୪ ସ୍ଥାନରେ ରହୁଛନ୍ତି ୧୭୦, ଶୋଇବା ନେଇ ଗଣ୍ଡଗୋଳ, ୧୫ରୁ ଅଧିକ ଆହତ
- ଦରମା ନପାଇ ଇଜିଏସ୍ ଶିକ୍ଷକଙ୍କ ମୃତ୍ୟୁ
- ବୃଦ୍ଧଙ୍କୁ ହାତୀ ଦଳିଦେଲା
- ବରଡ଼ୋଲରେ ଛାତ ଭୁଶୁଡ଼ି ଜଣେ ମହିଳା ମୃତ
- ଜଣେ ମାତ୍ର ଭାଗ ନେବାରୁ ଟେଣ୍ଡର ବାତିଲ୍ ହେଲା
- ୭୫ ଗ୍ରାମ ସହିତ ରାଜ୍ୟର ସୀମା ବିବାଦ ରହିଛି
- ବିରୋଧୀଙ୍କ ହଟ୍ଟଗୋଳ, ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ୱାଧୀକାର ଭଙ୍ଗ ନୋଟିସ,

ନ ଥିଲା; ତେଣୁ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଭୁବନେଶ୍ୱରରୁ କଲିକତାକୁ ସ୍ଥାନାନ୍ତର କରାଯିବା ପରି ଅଯୌକ୍ତିକ ପ୍ରଶ୍ନ ଉଠୁଛି କେଉଁଠୁ' ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ହାଇର୍କୋଟରେ ଜବାବ ଦାଖଲ କରାଯିବା ପରେ ଏହି ବହୁଚର୍ଚିତ ମାମଲାଟି ଭିନ୍ନ ମୋଡ଼ ନେଇଛି ।

ପୂର୍ବପୃଷ୍ଠା


ଇସ୍ତଫା ଦାବି

- ଦୁଇଟି ମଟର ସାଇକଲ ମଧ୍ୟରେ ଧକ୍କା: ଜଣେ ମୃତ, ୨ ଗୁରୁତର
- ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ୱାଧୀକାର ଭଂଗ ନୋଟିସ୍
- ପଞ୍ଚାୟତିରାଜ ବିଭାଗ ଜାଣି ନ ଥିଲା, ଉପଯୁକ୍ତ ପଦକ୍ଷେପ ନିଆଯିବ
- ମୃତ ଅକ୍ଷମ କର୍ମଚାରୀଙ୍କ ପରିବାର ପକ୍ଷରୁ ଧାରଣା
- ସ୍ପେସିଆଲ୍ କୋଚିଂ ଉପରେ ଅଧ ଘଣ୍ଟିଆ ଆଲୋଚନା ହେବ
- ବାପାକୁ ହତ୍ୟା କରି ପୁଅ ଫେରାର, ୪ ଦ ନ ପରେ ମାଟି ତଳୁ ଶବ ଉଦ୍ଧାର
- ପାରାଦୀପ ଗୁଳିକାଣ୍ଡ: ମୃତ ମମତାଜର ଜୀବନ ବୃତ୍ତାନ୍ତ
- ମୁସ୍ତାଫିଜଙ୍କ ଦାବି: ସଂପୂର୍ଣ ଓଡ଼ିଶାକୁ ଇଷ୍ଟକୋଷ୍ଟ ଜୋନରେ ଅନ୍ତର୍ଭୁକ୍ତ କରାଯାଉ
- ଅଧ୍ୟାପକ ଛାନିଆ: ଟ୍ୟୁସନ୍ ବନ୍ଦ
- ବେଆଇନ ବୋଟଲିଂଗ ପ୍ଲାଣ୍ଟ ଠାବ, ୪ ଗିରଫ
- ୨୦ ବର୍ଷ ବିତିଗଲା, ୬ଟି ଗାଁକୁ ବିଦ୍ୟୁତ ସଂଯୋଗ ନୋହିଲା
- କୋଶଲ ଆନ୍ଦୋଳନର ସମୀକ୍ଷା ସଭା
- ପ୍ରେମିକା ପ୍ରତାରିତା; ପ୍ରେମିକ ଫେରାର୍






Copyright © 2001 orissasambad.com

Site Developed by : www.wayindia.com